କିଶୋରୀ ଚରଣ ଦାସ

ମୀନି-ଜୀମନା

ଏବଂ ଅନ୍ୟାନ୍ୟ କବିତା



ମିନିକାମନା

ଏବଂ ଅନ୍ୟାନ୍ୟ କବିତା

କିଶୋରୀ ଚରଣ ଦାସ

Digitized by srujanika@gmail.com

ପ୍ରକାଶକ

ଲାର୍କବୁକ୍‌ସ
ଲୁଇସରୋଡ, ଭୁବନେଶ୍ୱର—୧୪
ଷ୍ଟେସନ ରୋଡ଼, କଟକ— ୨

ପ୍ରଥମ ପ୍ରକାଶ
୧୯୮୨

ପ୍ରଚ୍ଛଦପଟ
ଅସିତ ମୁଖାର୍ଜୀ

ମୁଦ୍ରଣ
ଚନ୍ଦନ ପ୍ରିଣ୍ଟର୍ସ
୧୦୫, ବୁଢ଼ େଶ୍ୱରୀ
ଭୁବନେଶ୍ୱର

ଛଅଟଙ୍କା

MINI KAMANA(Ebam Anyanya Kabita)
Written by Kishori Charan Das and published by
Lark Books, Bhubaneswar 751014

Digitized by srujanika@gmail.com

ଲେଖକଙ୍କର ଅନ୍ୟ ପ୍ରକାଶିତ ଗ୍ରନ୍ଥ

ଭଂଗା ଖେଳନା	(ଗଳ୍ପ ସଂକଳନ)
ଘର ବାହୁଡା	(,,)
ଲକ୍ଷବହ୍ନଂଗ	(,,)
ମଣିହରା	(,,)
ଠାକୁରଘର	(,,)
ନାଳଗୁଲୁଗୁଲୁ ସାଧବବୋହୂ	(,,)
ଗମନ	(,,)
Faces in the Dark	(ଇଂରାଜୀ କବିତା ସଂକଳନ)

Digitized by srujanika@gmail.com

ଶ୍ରଦ୍ଧେୟ ଗୁନା (ଗୁରୁପ୍ରସାଦ)

ପାଖ ୩୫ ବର୍ଷ ତଳେ ଏକାଠି ପାଠଶାଳାରେ ପାଠ ପଢୁଥିଲାବେଳେ ଆମେ ପରସ୍ପରକୁ ଆମର ଗଳା ମାରୁଥିବା ସାହିତ୍ୟକୁ ନେଇ ପ୍ରଶଂସା ପରିହାସ କରୁଥିଲୁ । ସେହି ପର୍ଯ୍ୟାୟରେ ତୁମେ ଦିନେ ମୋ ଜନ୍ମଦିନରେ ଗୋଟିଏ କବିତାର ଉପହାର ଦେଇଥିଲ । ସେଥିରେ ପଦୁଟିଏ ଥିଲା— "...ବନ୍ଧୁ ମୋର ଜଣେ ବଡ କବି ।" କବି ହୋଇ ପାରିଲି ନାହିଁ ସିନା, କିନ୍ତୁ ଆଜି ମୋର ମିନ-କାମନାଟି ତୁମ ଛଡା ଆଉ କାହା ହାତକୁ ଟେକି ଦେଲେ ଭଲ ହେବ ବୋଲି ଭାବି ପାରିଲି ନାହିଁ । ପ୍ରକୃତରେ ଜଣେ ବଡ କବିଙ୍କୁ ଏଭଳି ପ୍ରତ୍ୟୁପହାର ଦେବାର ପ୍ରଗଲ୍‌ଭତା କ୍ଷମା କରିବ ବୋଲି ବିଶ୍ୱାସ ।

କିଶୋରୀ ଚରଣ

Digitized by srujanika@gmail.com

ସୂଚୀ

ପ୍ରବାସୀ	୧
ଠେକୁଆ ଶହିଦ	୨
ଅର୍ଧଭୁକ୍ତ	୩
ଅଣ୍ଡାଘର	୪
ପାଚେଶ୍ରୀ ଉପରେ ବସି	୫
ଗୁଳୁଗୁଳ	୬
ଭରାଶ୍ରାବଣ	୮
ନେତାଙ୍କ ପ୍ରତି	୧୦
ଝାଳ ଢୁଆଁ	୧୨
କୁଣ୍ଡଳୀ	୧୪
ବେଳେବେଳେ	୧୬
ମୃତ୍ତିକା	୧୭
ଅସ୍ଥି	୧୯
ଫୁଲକୁ ଦଳଦେଲେ	୨୦
ନୀଳଆକାଶ	୨୧
ଦଶଭୁଜା	୨୨
ସେଦିନ	୨୩
ଖରାପଡ଼ିଆ	୨୪
ମିନକାମନା	୨୬
ଏତେବେଳକୁ	୨୮
ତୁମେ	୨୯

Digitized by srujanika@gmail.com

ନିଜକଥା

କବିତା ଲେଖା ମୋର ମାନସିକ ବିଳାସ, ମିନ-କାମନା ବୋଲି ମାନ ନେବାକୁ ଇଚ୍ଛା ହୁଏ ନାହିଁ । କବିତାରେ ହିଁ ମୋର ପ୍ରଥମ ସାହିତ୍ୟ ସର୍ଜନା, ନିଜକୁ ବାଢ଼ିବାର ପ୍ରୟାସ । ବହୁବର୍ଷ ପୂର୍ବେ ଏବଂ ବିଭିନ୍ନ ସମୟରେ ମୋର କେତେଗୁଡ଼ିଏ କବିତା ନବୀନ, ସହକାର, ଚତୁରଂଗ ଝଂକାର ଓ ଜୀବନରଂଗରେ ପ୍ରକାଶିତ ହୋଇଛି । ତା’ପରେ କେମିତି କେଜାଣି ଗପ ଲେଖିବାରେ ଭାସିଗଲି । ଗଦ୍ୟରେ "ନିଜକୁ" ଧରାପକେଇ ଦେବାର ଅବକାଶ ଅଳ୍ପ, ଏମିତି କିଛି ଭାବିଲି ବୋଲି ମନେ ହେଉ ନାହିଁତ ? ଗଦ୍ୟରେ ବାହାବା ମିଳିଲା, ପଦ୍ୟରେ ମିଳି ନ ଥାଆନ୍ତା, ଏଭଳି ଆଶଙ୍କାର ମଧ୍ୟ କୌଣସି କାରଣ ନଥିଲା । ତା’ ହେଲେ ମୋର ପ୍ରଥମ-ପ୍ରେମର ହତାଦର କଲି କାହିଁକି ?··· କହିଛି କି ? ବର୍ଷକୁ ଥରେ ମୁଁ ମୋର ପରିଣୀତାର ଜନ୍ମଦିନ କୁମାରପୂର୍ଣ୍ଣିମାରେ କବିତାର ଭେଟି ଦେଇ ଆସିଛି (ଅନୁମତି ସହକାରେ ସେଥିରୁ କେତୋଟି, ଯଥା "ମୃତ୍ତିକା", "ବେଳେବେଳେ" "ସେ ଦିନ" ଓ "ତୁମେ" ଏହି ସଂକଳନରେ ଯୋଡ଼ି ଦେଇଛି) । ତା’ଛଡ଼ା ବେଳେବେଳେ ଛଟପଟ ଲାଗେ । ମନେ ହୁଏ ଗଳ୍ପ ଲେଖି ଲେଖି ଥୋବରା ହେଲଣି । ମୋର ମୁହୂର୍ତ୍ତମାନଙ୍କୁ, ମୁହୂର୍ତ୍ତରେ ମୁଣ୍ଡ ଟେକି ଉଭି ଯାଉଥିବା ମୋର ଉଚ୍ଛ୍ୱାସମାନଙ୍କୁ ଯଥୋଚିତ ସମ୍ମାନ ଦେଇ ପାରୁ ନାହିଁ । ସେମାନଙ୍କୁ ଗଳ୍ପର ଗୋଲେଇରେ, ଚରିତ୍ରମାନଙ୍କ ମାଧ୍ୟମରେ, ପ୍ରକାଶ କରିବା ନିହାତି ବୁଲାଣିଆ ଦୁଷ୍କର ବ୍ୟାପାର । ସେଇଠୁଁ ମୁଁ ଦି’ଧାଡ଼ି କବିତା ଲେଖିବାର ଲୋଭ ସମ୍ଭାଳି ପାରେ ନାହିଁ । ଗାଳ୍ପିକର ଟୋପି ପିନ୍ଧି ସାରିଲା ପରେ ସେଥିରୁ କେତୋଟିକୁ ଲାଜେଇ ଲାଜେଇ "ଘାସଫୁଲ" ଛଦ୍ମନାମରେ ଛପେଇଛି । ହେଲେ ସେତିକିରେ ମନ ପୂରିଲା ନାହିଁ । ଦୁଃସାହସ ବଢ଼ି ଗଲା । ଭାବିଲି ଖୋଲାଖୋଲି ନିଜ ନାଁରେ କବିତାବହି ଛପେଇବି । ସେଥିପାଇଁ ମୋର କେତେଜଣ ବନ୍ଧୁ, ପ୍ରଧାନତଃ ବିଶିଷ୍ଟ କବି ରମାକାନ୍ତ ରଥ ଦଣ୍ଡନାପୁ । ସେଇ କହିଲେ ଯେ ମୋର କବିତା କେବଳ ଗଳ୍ପଲେଖା ବିରତିର ପରିପୂରକ ସରଳସାମାନ୍ୟ ଲିରିକ ନୁହେଁ । ସେଥିରେ

Digitized by srujanika@gmail.com

ଆଉ କିଛି ଅଛି । ଆଶ୍ଚର୍ଯ୍ୟ କଥା ଯେ ମୁଁ ଯେତେବେଳେ ତାଙ୍କୁ ମୋର ଆଜିକାଲିକାର କେତୋଟି କବିତା ଦେଖାଇଲି, କହିଲି ଦେଖନ୍ତୁ ମୁଁ କେତେ ଉପରକୁ ଉଠିଲିଣି, କବିତାରେ ମୋର ନିଜସ୍ୱ ଭାବଜଟିଳ ଦର୍ଶନର ଚେହେରା ଆଙ୍କି ପାରିଲଣି, ସେ ମୋ ସହିତ ଏକମତ ହେବାକୁ କୁଣ୍ଠ କୁଣ୍ଠ ହେଲେ । କହିଲେ କାବ୍ୟଧର୍ମ ଦୃଷ୍ଟିରୁ ପୂର୍ବ କବିତାଗୁଡ଼ିକର ମୂଲ୍ୟ ଅଧିକ । ଯାହାହେଉ ତାଙ୍କର ପ୍ରରୋଚନାରେ ମୋର 'ମିନକାମନା'ର ପଦକ୍ଷେପ । ସହକାରୀ ଦୋର୍ଷା ପ୍ରକାଶକ ମହେନ୍ଦ୍ର ବାବୁ । ସେ କୌଣସି ନୂତନ ଉଦ୍ୟମର ସୁଯୋଗ ଛାଡ଼ିବାକୁ ଚାହାଁନ୍ତି ନାହିଁ । ତେଣୁ ମାର୍କାମରା ଗାଳ୍ପିକର କବିତା ଛପେଇବାକୁ ପଛେଇବେ କାହିଁକି ?

ଏଇ ହେଲା ମୋର ଧୃଷ୍ଟତାର ସଫେଇ । ମୋର କବିତାଗୁଣ ବଢ଼ିଛି କି କମିଛି ବିଚାର କରିଯାଉ, ଏଇ ଭାବରେ ମୁଁ ସ୍ୱନିର୍ବାଚିତ ଏକୋଇଶଟିଙ୍କୁ ସମୟାନୁକ୍ରମରେ ଧାଡ଼ି କରି ଠିଆ କରେଇଛି । ଦେଖି ପାରିବେ ଯେ ଅଧିକାଂଶ ୧୯୬୮ - ୭୯ ରେ ଲିଖିତ । ସପ୍ତମ ଦଶକ ସରିଲା ବେଳକୁ ପୁଣି ଓଡ଼ିଆ କବିତା ଲେଖିବାର ଅଦମ୍ୟ ଆଗ୍ରହ । ମଝିରେ ଗଳ୍ପ ବ୍ୟତୀତ ଇଂରାଜୀ କବିତାର ରାଜତ୍ୱ । ଏମିତି କାହିଁକି ହେଲା କିଏ କହିବ ?

ଏବେ 'ମିନକାମନା''ର ଖାତିରୁ ପ୍ରଣତି ଗ୍ରହଣ କରିବା ହେବେ ।

Digitized by srujanika@gmail.com

ପ୍ରବାସୀ

ଯିବ ନାହିଁ ଯିବ ନାହିଁ ସେ ଗଳିକୁ ଯେଉଁଠି ମୋ ଘର ଅଛି ।
ସେଠି ଜଣାଶୁଣା ମଣିଷଙ୍କ ଛୁଇ ଥିଲେ କଣ ହେବ
ବାରଆଡେ ଭୂତ ଅଛି ।
ପୁଣି ସେହି ଅଣ୍ଟାତର ସ୍ନେହୀ ଲୋକମାନେ ବାପଭାଇ କୁଟୁମ୍ବ ସମେତ
ନିଧି ମିଳିଗଲା ପରି ହାକୁଟି ମାରନ୍ତି, ହସନ୍ତି, ଓ ଭଜନ ବୋଲନ୍ତି !
ନାଇଁ ନାଇଁ ଯିବ ନାହିଁ ।
ଭୁଲିଯିବ ସେମାନଙ୍କୁ ଯେଉଁମାନେ ବାରଆଡେ ଭୂତ ସାଙ୍ଗେ ବସି
ତାଶ ଖେଳି, ରଂଗରସ ହୋଇ, ଆମ୍ବିଳିଆ ତୋରାଣୀରେ ତୃପ୍ତମସ୍ତ ହୋଇ
ବସିଛନ୍ତି ମୋତେ ଖାଲି ଡରାଇବା ପାଇଁ,— ସତେକି ମୁଁ ପିଲା ।
ସତେକି ମୁଁ ରାଜପଥେ ବୁଲି ଆସିନାହିଁ, ବଣ୍ଡାବସୁ ସୂର୍ଯ୍ୟ ଦେଖିନାହିଁ ।
ଯିବି ନାହିଁ ।
ପଡ଼ିଥାଉ ସେଠି ତୁମ ନରକର ଛୁଠ
ନରକର ଛୁଠ ଆଉ ସରଗର ଲଡ଼ୁ,
ଆଦର୍ଶର ମହାବୋଧି, ରାତିର ଅଂଧାର
ରାତିର ଅଂଧାର ଆଉ କାମନାର ଗମ୍‌ଗମ୍ ଝାଳ
ଅଫିମ ଓ ପାଦୁକର ପାଣି
ଜନ୍ମର ଜନମ ।
ବୁଲିବି ପଛକେ ଏହି ପରବାସେ ତାତିଲା ଭୁଇଁରେ,
ସାଉଣ୍ଟିବି ସତ୍ୟର ଅଇଁଠା
ଲକ୍ଷ୍ମୀଛଡ଼ା ଅରକ୍ଷିତ ପରି ।

ମେ ୧୯୬୯
କଲିକତା

Digitized by srujanika@gmail.com

ଠେକୁଆ ଚିହ୍ନିତ

ଜାଣିଛୁ କେବଳ ସେହି ଗୋଟିଏ ଜନ୍ତୁକୁ
ଯାହାର ଦେହରେ ଅଛି କ୍ଷତଟିଏ । କୃଷ୍ଣ ଦାଗଟିଏ ।
ତେଣୁ, ବୁଝିଅଛୁ ଏ ଜଗତ ବ୍ୟକ୍ତ ଓ ସୀମିତ
ନିର୍ଦ୍ଦିଷ୍ଟ ଓ ନିରୂପିତ; ଯେତେ ଇଚ୍ଛା କରିଯାଏ ଆଙ୍ଗୁଳି ଗୁଳନା
ଶୁଣେ ଯେତେ ଆହା ଉହୁ ଅବା ଗଦଗଦ
ସବୁ ସେହି ଜଣକର କଥା,
ଲଦିଛି ଯେ ଆଣି ତାର ସୀମାସରହଦ, ଦେହ ଓ ଦେହଳି
ଦୁକୁଦୁକୁ ଚେତନା ଉପରେ,
କହୁଛି ହେ ଅଧମ ମାନବ
ପ୍ରେମ କର, ପ୍ରେମ କର ମୋତେ । ଅନ୍ୟ ଅର୍ଥେ ମୁଁ ଅତି ସାମାନ୍ୟ
ଏବଂ ସେ ଅତି ବାସ୍ତବ । ଚଠା ନୁହେଁ, ସ୍ୱପ୍ନ ନୁହେଁ ;
ପଳାୟନ ପଥ ନାହିଁ । ତାହା ବିନୁ ଗତି ନାହିଁ ।

ମେ ୧୯୬୩
କଲିକତା

Digitized by srujanika@gmail.com

ଅର୍ଧଭୁକ୍ତ

ରାସ୍ତାଘାଟ ବସ୍‌ଷ୍ଟାଣ୍ଡ୍, ରେସନ୍‌ର ସର୍ପିଳ ଧାଡ଼ିରେ
ନିମ୍ନଶ୍ରେଣୀ ଟିକେଟ୍‌ର କାଉଣ୍ଟର୍ ପାଖେ
ବେଶ୍ୟାଗୃହେ ପୁଣି ଦେବାଳୟର ଦୁଆରେ
ଦେଖିଛି ମୁଁ ତାକୁ ଏବଂ ଦେଖି ଦେଖି ଅବାକ୍ ହୋଇଛି ।
ସେ ହସେ, ଯଦ୍ୟପି ତା' ହସ ଚତୁର ଶୃଗାଳଯୁକ୍ତ ମଲାଜହ୍ନ ପରି ।
ଧାଇଁଧାଇଁ ବୁଲେ, ଭଂଗାଭଂଗା ଉତ୍ତେଜନା ଠୁଳ କରି କରି
ଯଥା ଗୁଣ୍ଡକଙ୍କ ।
ନିବନ୍ଧର ଫାଙ୍କବାଟେ ଖସିଆସେ ପ୍ରେମ ଏବଂ ହିଂସାର ହାବୁକା
ନୁହେଁ ଝଡ଼, ନୁହେଁ ସମୀରଣ । ଭଲ, ଭଲ, ତେଣୁ ଭଲ, ସେହି ଭଲ ।
(ମନେ ନାହିଁ ? ଯେ ନଦୀ ମରୁପଥେ··· ଇତ୍ୟାଦି ଇତ୍ୟାଦି ?
ପୁନର୍ଜନ୍ମ ଆଦି ?)
ଅତଏବ ଚିନ୍ତା ନାହିଁ, ଲେଖିଯାଏ କଲାବନ୍ତି କବିତା କାହାଣୀ
ବାକୀ ଅଧଟିକ ତା'ର ଆସ୍ୱାଦନ କରି, ଭକ୍ଷଣ ଓ ଜୀର୍ଣ୍ଣ କରି
ବର୍ତ୍ତୁଳରେ ପାଣି ପଡୁ ବୁଲାଇ ବୁଲାଇ ।

ମେ ୧୯୬୮
କଲିକତା

Digitized by srujanika@gmail.com

ଅଣ୍ଡା ଘର

ତୁମେ କୁହ, ମୁଁ କୁହେ, ସେ କୁହେ ।
ଧ୍ୱଜା ଉଠେ ଫରଫର ସ୍ଫିତ ଏବଂ ଅର୍ଦ୍ଧ ବସ୍ତ୍ରସତ
ଧକାଧୂଆଁ ବହୁଭୁର୍ତ୍ତ ଅଣ୍ଡାଘର ଅଣ୍ଡା ମିଜାଜର :
ନଷ୍ଟସ୍ୱପ୍ନ ନମ୍ନଗାମୀ ନଭୃତ ଦେହର
ପାନପାନେ ଚୁମୁକ ଦେବାର
ବସିବାର,
ପୁଣି ବସିବାର ।

ଦେଶଟା କ ଧୋଇଉରେ ସ୍ମରଖାର ହେଲ ?
ଅମୁକର ସୀତା କ ହେ ଲଙ୍କାପୁରେ ମଲ ?
(ସ୍ୱପ୍ନ ଦେଖିଥିଲ କାଲି ବଂଧୁପତ୍ନୀ ନଗ୍ନ ଭାଉଜଙ୍କୁ)
ଗାନ୍ଧୀ ମନ୍ଦିରକୁ କେଉଁ କଣ୍ଟ୍ରାକ୍‌ଟର ନେଲ ? ...

ଆହା ବଂଶୀ ସ୍ୱନ !
ଫାଙ୍କା ବାଉଁଶରୁ ଶୁଭେ ଯେଉଁ ବଂଶୀସ୍ୱନ
ଉକାଉକ ଧୋନାଧୋନ ସ୍ପର୍ଶଗନ୍ଧହୀନ
ତାହାର ଶ୍ରବଣେ ଆମେ ଉତ୍‌ଥାପିତ ହେଉ,
ତଥା ପ୍ରତିଧ୍ୱନିଙ୍କର ହାଡ଼ ଅଣ୍ଡାଳି ଅଣ୍ଡାଳି
ଚେତନାକୁ ଖୋଜି ଆମେ ପୁଣି କଥା କହୁ ।
ତୁମେ କୁହ, ମୁଁ କୁହେ, ସେ କୁହେ, — କିଏ କୁହେ ?
ଅବଶେଷେ ଆଖି ବୁଜିଦେଉ ।

ମେ ୧୯୬୮
କଲିକତା

Digitized by srujanika@gmail.com

ପାଚେରୀ ଉପରେ ବସି

ଆସ ଆମେ ପାଚେରୀ ଉପରେ ବସି ଚଣା ଚୋବାଇବା
ଚନାବାଦାମରୁ ଚୋପା ଛଡ଼ାଇ ଖାଇବା, ପୁଣି ସୂର୍ଯ୍ୟାସ୍ତ ଦେଖିବା ।
ଆସ ସାଙ୍ଗ, ଆସ ଘରବର, ସମସ୍ୟାକୁ ଗୋଟି ଗୋଟି କର
ଶବ୍ଦ କର, ପାପୁଲିରେ ରଖ ଏବଂ ପାଟିରେ ପକାଅ ।
ଜୀବନଟା ଗଛ ନୁହେଁ । ମଂଜ ।
(ଅବଶ୍ୟ) ମଂଜରୁ ଉଠିବ ଗଛ, ଭବିଷ୍ୟତ ଫଳବନ୍ତ ହେବ
ଗଳିତ ପଳିତ ହୋଇ ଆକାଶକୁ ଲମ୍ବି ଲମ୍ବି ଯିବ
ସମସ୍ୟା ଗାଳଗପ ହେବ, ଚତୁଷ୍କୋଣ କୋଠା ଏବଂ ଟଙ୍କାର ଗଣିତ,
ମୋଟା ହେବ ପେଟା ହେବ । ହେଉ ବାବୁ, ତୁମ କଥା ରହୁ ।
ଜାଣେ ତୁମ କରାମତି ହେ ଆମର ପିତୃପିତାମହ
ଆମେ ତୁମ ମେଣ୍ଢାଛୁଆ, ତୁମେହିଁ ପାଳକ ଏବଂ ପରମ ଈଶ୍ୱର ।
ତଥାପି ମୋ ବନ୍ଧୁଗଣ ଆସ ଥରେ ଅମାନିଆ ହେବା
ଏହିକ୍ଷଣି ବର୍ତ୍ତମାନ ସୁଧମୂଳ ଅମାନ୍ୟ କରିବା ।
ସମସ୍ୟାକୁ କାଠିକୁଟି ହାତରେ ଧରିବା
ଚର୍ବଣ କରିବା ଅବା ଦୂରେ ଫିଙ୍ଗି ଦେବା
ପାଚେରୀ ଉପରେ ବସି ମର୍କଟ ସାଜିବା
ପୁଣି ସୂର୍ଯ୍ୟାସ୍ତ ଦେଖିବା ।

ମେ ୧୯୬୮
କଲିକତା

Digitized by srujanika@gmail.com

ଗୁଳୁଗୁଳ

ମଲ୍ଲୀ ବାସେ ପୁରାତନ ସ୍ମୃତିର କୋଣରେ
ମଲ୍ଲୀ ଏବଂ ଚଂପା ଏବଂ ନାନା ଜାତି ଫୁଲ
ମିଶାମିଶି ଗୋଳାଗୋଳି ବାସ୍ନାର ପାଚନ, ଯଥା ଗନ୍ଧାଳିଆ ମଦ
ଅଜ୍ଞାତର ବାସବନ୍ଦଘର ।
ଆଃ ! ସହ୍ୟ ହେଉ ନାହିଁ ।
ଏଇ ଅପବାସ୍ନା ଏବଂ ଗୁଳୁଗୁଳଟାକୁ ଆଉ ପାର ହେଉ ନାହିଁ ।

ଯୌବନରୁ କେତେ ବାଟ ମାଡ଼ିଆସିଲିଣି ;
କେତେ ସର୍ଟ୍‌କଟ୍‌ ଏବଂ କେତେ କୁଦା କେତେ ଡ଼ିଆଁ ମାରି
ଫେରିଛି ଓ ପଡ଼ିଅଛି ଏଇ କୋଣଟିରେ,
କ୍ଳାନ୍ତିହରା ମନ୍ଦବାତ ସେବନର ପାଇଁ
କାହିଁ ?
ସ୍ମୃତିର ପାରାଟିମାନ ଖସି ଖସି ଫେରିବାକୁ ନାହିଁ ।

ଉପରନ୍ତୁ ଏହି ଗୁଳୁଗୁଳ ।
ଯେତେକ ମୁଁ ସେମାନଙ୍କୁ ପଙ୍ଗୁ ଏବଂ ଅକ୍ଷମ କରିଛି,
ଆକାଶର ଅର୍ଦ୍ଧପଥ ତିଷ୍ଠୁ ବୋଲି କହିଛି ଓ ଝାଳ ବୁହାଇଛି,
ଲୋଡ଼ିବାର ଭାଷାଟିକ ଉପାଡ଼ି ଦେଇଛି !

ଯେତେକ ଅନୁକଂପା ଦୟା ଏବଂ ପ୍ରୀତିର କାମନା
ଆସି ଗୁଳିଗଲା ଏବଂ ମାଗି ଫେରିଗଲା
ଯେତେକ ଭିକଟିଣ ଖାରୁ ଝୁଣଝୁଣ
ଯେତେକ ଅରକ୍ଷିତ ଓଠର କଂପନ
ଓଦାଳିଆ ଗୁହାଣୀ ଓ ଦରଦର କଥା
ଗୋଲାପରୁ ପାଖୁଡ଼ାଏ ମାତ୍ର ପାଖୁଡ଼ାଏ

Digitized by srujanika@gmail.com

ଝଡ଼ଗଲା, ଭୁଲ ହୋଇଗଲା, ବାଧିଲା ନାହିଁତ

ଆଜ ତା'ର ବାସ୍ନା ଆସେ ଅଯଥା ଓ ଅମାନିଆ
ଏକାଠି ଓ ଗୋଳପୋଳ ମିଶାମିଶି ହୋଇ
ଆହତର ଆଶୀର୍ବାଦ କରେ —
ଭଲ ଅଛ ବାବୁ ?
ଆଃ, ଟେଷ୍ଟ ମୁହେଁ ବଡ କଥା ସହ୍ୟ ହେଉ ନାହିଁ !
ଆସ ମୋର ଆମଂତ୍ରିତ ଗଣ
ଚିତ୍କାର କରଣି ଥରେ ଗାଳିଦିଅ, କହିଁ କହିଁ ହୁଅ ।
ଜାଣିରଖ ମୁଁ ତୁମର ଗୁହାରି ଶୁଣିବି
ସଫଳଜୀବନକୁ କାଣିଚୁଏ ଆଣି
ଉଦାର ହୃଦୟରେ ପ୍ରଦାନ କରିବି ।

କିନ୍ତୁ ତୁମେ ନଉକୁଣା ଓରକୁଲା ମାଇଟିଆ ଗୁଡା
ଏକାଠି ହୋଇଛ ଖାଲି ପବନକୁ ରୋକ ଦେବା ପାଇଁ,
ତୁଛାଟାକୁ ବାସ୍ନାର ଗୁଳୁଗୁଳି ଦେଇ
ଠିକଠିକ କର ମୋତେ ଝୁଣିବାର ପାଇଁ !
ନାଃ, ସହ୍ୟ ହେଉ ନାହିଁ !

ଜୁନ୍ ୧୯୬୮
କଟକ

Digitized by srujanika@gmail.com

ଭରା ଶ୍ରାବଣ

ଝଡ଼ରେ ଏବଂ ଭରିଯାଏ, ଅଗଣିତ ଶବ୍ଦ କରେ ଅସମ୍ଭାଳ ହୋଇ
କୁଳ୍‌କୁଳ୍‌ ଭୁଟ୍‌ଭୁଟ୍‌ ଗଦଗଦ ···
ମାଇବାର । ମାଇସାର ଆନନ୍ଦରେ ଗୁଳୁଳ ଓ ଉଚ୍ଛୁଳ ହେବାର ।
କିନ୍ତୁ — ଯାଏ ମୁହଁ ଯେତେବେଳେ ଲୁଣ୍ଠନର ବଳବୀର୍ଯ୍ୟ ନେଇ
ଅଣ୍ଡା ଭାଙ୍ଗି ଛୁଆ ହୁଏ ବନ୍ଧହୀନ କୂଳକୁ ମୁଠେଇ,
ତାକୁ ଅଳ୍ପ କାନ୍ଧିବାକୁ ପଡ଼େ ।
ଯେଣୁ ତା'ର ଗୋଳିଆ ପାଣିରେ ମୋର ଛାଇଟକ (ପ୍ରତିବିମ୍ବ ନୁହେଁ)
ଅକାରଣେ ମିଶେ ଏବଂ ଲେସି ହୋଇଯାଏ ।

ଜଣିବାକୁ ମନା ? ଛୁଇଁବାକୁ ମନା ? ପୟୋଧର ଭାଣ୍ଡମୁଖ ଶୋଷିବାକୁ ମନା
ଖାଲି ଏହି ମିଛମାଆ ନିକଟ ନଗ୍ନତା
ଭରାପାଣି ଆଉ ମୋର ହୀନମାନ ଛାଇ,
ଆଉ କିଛି ନାହିଁ ?
ଅତ୍ୟନ୍ତ ଏ ଶ୍ରାବଣ ଓ ଆନନ୍ଦର କୂଳେ ସତ୍ୟାନାଶୀ ଆବେଗକୁ
ଶାନ୍ତ ଦେବା ପାଇଁ ?

ଶାନ୍ତ ଦେବା ପାଇଁ ଏବଂ ଶାସ୍ତି ଦେବା ପାଇଁ
ଉଚ୍ଛନ୍ନେଣୁ ପଡ଼ି ତେବେ ଫଳିତ ଜ୍ୟୋତିଷ ;
ବଞ୍ଚିବାର ଶନିସପ୍ତା କଟିଯିବ, ଅବଶ୍ୟ କଟିବ ।

ସେଦିନ ମୁଁ ଧାଡ଼େ ଧାଡ଼େ ପଡ଼ି ପଡ଼ି ଯିବ
ଭଉଁରୀରେ ଘୁରିଘୁରି ମୁଣ୍ଡିଆ ମାରିବ

Digitized by srujanika@gmail.com

ମାଟିକୁ ଓଠାର ଆଣି ଦେହରେ ମାଖିବ
ପାଣିକୁ ପାଣିରେ ପିଟି ଅଥୟ କରିବ ।
(ଶେଷେ) ଶ୍ରାବଣକୁ ଡାକ ଦେବ ଦିଗନ୍ତରୁ ଅନନ୍ତ ଦୁଆରେ
ଚୂଡାନ୍ତରେ !
ଜିଆ ଏବଂ ଜୋକଛୁଆ ଆତ୍ମାର ଗର୍ତ୍ତରେ !

ଜୁନ୍ ୧୯୭୮
କଟକ

Digitized by srujanika@gmail.com

ନେତାଙ୍କ ପ୍ରତି

ସାପ ଆଖି ବେଙ୍ଗ ଆଖି ଚିଲ ଆଖି ମାଛ ଆଖି
ପଂଚଧାତୁ ଷଡରିପୁ ସପ୍ତରଂଗ ଅଷ୍ଟବର୍ଗ ଧାଖି
ହେ ଉତ୍ତମ ! ହେ ଅଧମ !
ମଧ୍ୟମର ଘେନ ନମସ୍କାର ।

ନିଅ ମୋର କ୍ରୋଧ ଓ କାନ୍ଦଣା, ନିୟମିତ ଭେଟି ଏବଂ ଭୋଟ୍
ନିଅ ସାର୍ ନିଅ ଆଜ୍ଞା, ଯଥା ତୁମ ଫଜକାରେ ଥାଉ
ଏହି ମୋର ଶୁଭନାମ ଗୋପାଳ ମାହାନ୍ତି, ଥାନାଗଳି ଇତ୍ୟାଦି ଇତ୍ୟାଦି

ଆମେ ସବୁ ଗୋପାଳ ମାହାନ୍ତି
ଏକାଠି ମିଶିଲେ ଜାଣ ଜହ୍ନଟାକୁ ଓଟାରି ଆଣିବୁ
ଲକ୍ଷ ଲଙ୍କା ପୋଡ଼ି ଜାଳି ଭସ୍ମ କରିଦେବୁ ।
(ଅନ୍ତତଃ)
ବାରବୁଲା ଷଣ୍ଢ ଏବଂ କୁକୁର ମାନଙ୍କୁ ଧରିଆଣି ସାବାଡ଼୍ କରିବୁ !

କିନ୍ତୁ ଆମେ ଭଲପାଉ ତଂଦ୍ରା ଓ ତନମା
ମଧ୍ୟମ ଗତିର ସୁଖଶାନ୍ତି ଶ୍ୟାମଳିମା,
ସ୍ଥାବର ଦୂର୍ବାସମ କୁରୁ କୁରୁ ହେଉ,
ଜଂଗମର ଆହାର ଓ ବିହାର ଯୋଗାଉ
ତହୁଁ ଛିନ୍ନମସ୍ତା ହେଉ ।

ଛିନ୍ନମସ୍ତା ! ହେଉ
ମୁଣ୍ଡ ଗଲେ ଯାଉ ।
ତଥାପି ଘୋଷଣା କରେ ଅବିନାଶୀ ଅବଶିଷ୍ଟ ଖଣ୍ଡ
କବି ଶିଳ୍ପୀ କରଣୀ ଓକିଲ ବ୍ୟକ୍ତିଗତ ବାବୁ ଓ ଶ୍ରୀମାନ୍

Digitized by srujanika@gmail.com

ଅଛି ତା'ର ପେଟ ଓ ଗୃଖଣ୍ଡ
ଅସରନ୍ତ, ଅସହଣି, ଯଥା ସିନେସର ସେକ୍ସ
ପୁରଣ ପ୍ରଚଣ୍ଡ ।
ନଅ ତେଣୁ ନଅ ମମ ଜ୍ୱାଳା, ନଅ ମମ ଘୃଣା ଏବଂ ଲୋଭ୍
ଦଅ ତୁମ ପଦ୍ମାମୁଖ ବାଣୀ ବଗଡା ମୋ ଅନ୍ତରେ ଗୋଳାଇ,
ମନେ ରଖ ମୁହିଁ ଜଣେ ଅଛି ତୁମ ନିଜଲୋକ ଓ ସ୍ପେଶାଲ୍
ନାମ ମୋର ଗୋପାଳ ମାହାନ୍ତି, ଥାନାଗଳି ଇତ୍ୟାଦି ଇତ୍ୟାଦି ।

ଜୁନ୍ ୧୯୬୮
କଲିକତା

Digitized by srujanika@gmail.com

ଝାଳ ଛୁଆଁ

ଆଷାଢର ଗୋଟିଏ ସକାଳେ, ଆକାଶରେ ମେଘ ଥିଲା
ଏବଂ ତା'ର କପାଳରେ ଫୋଟ ଫୋଟ ଝାଳବିନ୍ଦୁ ଥିଲା ।
ଝାଳ ଚମକିଲା କେଉଁ କ୍ଷଣକୋପୀ ମାର୍ତ୍ତଣ୍ଡ ତାପରେ
ତହୁଁ ଦେଖାଦେଲା ମୋର ଦୃଷ୍ଟିପଥ ମାଡ଼ି, ଯମ ପରି
ମଇଳାର ମହାରାଜ ଭୃତ୍ୟ ଓ ଦୋସର, ଅନାମିକା ସାମ୍ରୀ ମେହେନ୍ତର ।

ବେଶ୍, ଦେଖିଲି ଓ ଖୁସି ହେଲି ;
ଦେଖିଲି ସେ ମଇଳା କାଟୁଛି
ଫୋଟରୁ ହନ୍ତାଳ ନେଇ ବଡକୁ ଠେଲୁଛି
ବଳକା ଓ ମେଞ୍ଚାମେଞ୍ଚା ଘରକରଣାର, ଚମଛଡା ଦୁଷ୍ଟ ବିଳାସର ।

ମୁହୂର୍ତ୍ତ କଟିଲା ନାହିଁ, ଏବେ ମଧ୍ୟ କଟୁ ନାହିଁ ।

ଯେହେତୁ ସେ ଥିଲା ଏକ ନିର୍ବୋଧ ଓ ଅଭିନବ ଯମ
ରଂଗ ଏବଂ ରକ୍ତବିବର୍ଜିତ (ନାଲି ଗାମୁଛାର ସତ୍ତ୍ୱେ)
ଯେହେତୁ ତା' ଗୃହାଣୀରେ ଦୁଃଖ ଥିଲା ହତ୍ୟା କରିବାର
ଆଜଠାରୁ ଶତବର୍ଷ ପରେ ଅକସ୍ମାତ ଅଜ୍ଞାତ ସକାଳେ
ଯେହେତୁ ତା' ମହିଁଷିଠା ବଣୁଥିଲା ଗଧ ପରି
ଏବଂ ତାର କ୍ରୋଧ ଥିଲା ଘନୀଭୂତ ହୋଇ
ଯଂତ୍ରଣାରେ ଗଣ୍ଡି ପକା ହିମାଳୟ ପରି
                    ଭ୍ରୂଣ ପରି ।

ମୁହୂର୍ତ୍ତ କଟିଲା ନାହିଁ ଏବେ ମଧ୍ୟ କଟୁ ନାହିଁ,

Digitized by srujanika@gmail.com

ନର୍ଜୀବ ଯମର ବୋଧଇ ଚକ୍‌ଚକ୍ ଝାଲଟିକ
ଏବେ ମଧ୍ୟ ତେଜ ଦେଖାଉଛୁ !
ମରିବାକୁ ନାହିଁ ।

ଜୁନ ୧୯୬୮
କଲିକତା

Digitized by srujanika@gmail.com

କୁଣ୍ଡଳୀ

ମେଘ ଘୋଟିଥିଲା
ଆକାଶକୁ ଘୋଡାଇ ଓ ଝଡ଼ ବାନ୍ଧଥିଲା
ଧଳା ଓ ଧୂସର ଏକ ଗୃହର ମଧ୍ୟରେ ।
ଏବଂ ଝିପି ଝିପି ପାଣି ପଡୁଥିଲା
ଗହଳିଆ ସବୁଜର ସନ୍ଧ ତଳେ ଗଳି, ମୃତ୍ତିକାର ନବୋଧ ପିଠିରେ ।
ସେଇଠୁ ମୁଁ ଗଲି ମୋର ଅନ୍ଧ କୋଠରୀକୁ
ଜଣାଶୁଣା ଶରୀରର ବାସ୍ନା ପାଇବାକୁ;
ସତ କୁହ—
ଆଉ କ'ଣ କରିବାର ଥିଲା ?

ଆଉ କ'ଣ କରିବାର ଥିଲା ?
ବିଲେଇଟା ଶୋଇଥିଲା ଗୁଡେଇ ଗୁଡେଇ
ଉଦରକୁ ଲେପି ଦେଇ ଟେବୁଲ୍ ଉପରେ ।
ସ୍ୱପ୍ନ ତଥା ଫଗୁରକୁ ଜୀର୍ଣ୍ଣ କରି
ବିସ୍ମୃତିରେ, ଜୀବନର ଗମ୍ଭୀର ଓ ବଳକା ଭାଣ୍ଡାରେ ।

ଆଉ କଣ କରିବାର ଥିଲା ?
କୃଷ୍ଣ କାକ ବସିଥିଲା ଏକୁଟିଆ ବଙ୍କା ଡାଳଟାରେ
ଅଣ୍ଟ ଗୁଞ୍ଜି ଓଦା ଏବଂ ଚକ୍‌କଣ ଦେହରେ
ବିପୁଳର ଥପ୍ ଥପ୍ ଶୁଣି, ହତବାକ୍ୟ ହୋଇ,
ଧ୍ୱନି ଏବଂ ସମୟର ଅବଶେଷ ଗଣି
ପାହାନ୍ତିଆ ପ୍ରହରୀ ପରିଏ ।

ମାଂସଳ ମନ୍ଥର ଏହି ପୃଥିବୀରୁ ଆଜି

Digitized by srujanika@gmail.com

ଓସ୍ପୁଟ ପଡଇ ଯେତେ ଅଶ୍ଳୀଳ ଓ ଅଭିଜାତ ରସ
ଚିରନ୍ତନ ପ୍ରକୃତିର ଅମରାବତୀର,
ତାକୁ ଜାଣି ସହିବାକୁ ହେବ
ସହିବାକୁ ହେବ ପୁଣି ଶୁଣିବାକୁ ହେବ
ଚେତନାର ଜଳା ବାଟେ ଜୁଳୁ ଜୁଳୁ ଚାହିଁବାକୁ ହେବ ।

ତେଣୁ ଯଦି ଗଲି ମୋର ଅନ୍ଧ କୋଠରୀକୁ
ନିଜ ଦେହ ତୁମ ଦେହ (ତୁମ ଦେହ ନିଜ ଦେହ) ବାସ୍ନା ପାଇବାକୁ
ଶୁଖିଲ୍ ଓ ଶନପାଦ ଭୂମି ଖୋଜିବାକୁ,
ନିନ୍ଦା କର !
ନିନ୍ଦା କଲେ କର ପଛେ ବଙ୍କଜନ ବିପ୍ଳବୀ ଓ ପିଲା,
ଆଉ କଣ କରିବାର ଥିଲା ?

ଜୁଲାଇ ୧୯୬୮
କଲିକତା

Digitized by srujanika@gmail.com

ବେଳେ ବେଳେ

ବେଳେ ବେଳେ ସ୍ୱପ୍ନରେ ଜୀବନକୁ ଭଲ ପାଏ ସତେ !
ତହୁଁ ଜଣାଶୁଣା ଜହ୍ନ ଦିଶେ ଜହ୍ନମାମୁ ପରି
ଅପୂର୍ବ ଲାଗେ ବାଲ ଗୋପାଳଙ୍କ ଲୀଳା
ପୁଣି, ମନେ ହୁଏ ତୁମେ ମୋର ପରକୀୟା ପ୍ରିୟା
ଅନାଘ୍ରାତା ଅବଳା ଅପ୍‌ସରା !

ବେଳେ ବେଳେ ସ୍ୱପ୍ନରେ ଠାକୁରଙ୍କୁ ହାତ ଯୋଡେ ସତ !
ତହୁଁ ନଗ୍ନତାର ପୁଲକ ଓ ରୋମାଞ୍ଚ ଆସଇ
ଏଇ ମୋର ପୁରାତନ ପ୍ରସ୍ତର ଅନ୍ତରେ
ପୁଣି, ମନେ ହୁଏ ତୁମେ ମୋର ଅଜ୍ଞାନ ଦାୟିନୀ
ଦେବତାର ମହା ମଞ୍ଚ ପରେ !

ବେଳେ ବେଳେ ସ୍ୱପ୍ନରେ ଭୂତ ସାଙ୍ଗେ ମୁହାଁମୁହିଁ ହୁଏ !
ତହୁଁ ଇଚ୍ଛା ହୁଏ ଚତୁରଙ୍କୁ ଚୁମ୍ବନ କରିବି
ବଜାଇବି ତା'ର ଶ୍ୟାମ ମରଣ ମୁରଲୀ
ପୁଣି, ମନେ ହୁଏ ତୁମେ ମୋର କୃଷ୍ଣ କୁନ୍ତଳୀ
ପ୍ରେମଦଗ୍ଧା ଶ୍ମଶାନ କୁମାରୀ !

ବେଳେ ବେଳେ ସ୍ୱପ୍ନରେ ଛିଡା ହୁଏ ଦର୍ପଣୀ ମନ୍ଦିରେ
କଣା ବକା ଭୁଲି ଯାଇ ମୃତ ଏବଂ ପାଗଳଙ୍କ ପରି
ଦେଖିବାକୁ ତୁମର ସେ ଅଦ୍‌ଭୁତ ଓ ଅନ୍ତରଙ୍ଗ ରୂପ
ଯେଣୁ ତୁମେ ପରନ୍ତୁ ଓ ଅଧିକନ୍ତୁ ନାରୀ !

ଅକ୍ଟୋବର ୧୯୬୮
କଲିକତା

Digitized by srujanika@gmail.com

ମୃତ୍ତିକା

ମୃତ୍ତିକାର ମଧ୍ୟ ଏକ ଆତ୍ମା ଅଛି
ଯାହାକୁ ମୁଁ ଚହ୍ନେ ଏବଂ ଯାହା ପାଇଁ ହନ୍ତସନ୍ତ ହୁଏ
ଯାହାକୁ ମୁଁ ଡରେ ଏବଂ ଯାହାକୁ ମୁଁ ଛୁଗୁଲାଏ
ଯାହାକୁ ମୁଁ ଛିଃ ବୋଲି କହେ
ପୁଣି ଉଲ୍ଲାସରେ ମାଡ଼ି ବସେ ।
ଶୁଣ ବନ୍ଧୁ ! ସେ ଅଟେ ମୋ ରକ୍ତର ସଂପତ୍ତି ।
ଅସରନ୍ତ ।

ତେଣୁ ତୁମେ ଯେତେବେଳେ ଗର୍ବ-ଗଉରବେ
ମୃତ୍ତିକାରେ ରଂଗ ବୋଳି ମଣ୍ଡପରେ ଥାପି
ଗଦଗଦ ହୁଅ
ଆରତିର ଦୀପ ଝଲକାଅ, ଆହା ! ପ୍ରେମ ଚମକାଅ
ମୁଁ କେବଳ କୁହୁକୁହୁ ହୁଏ ।

ମୁଁ କେବଳ କୁହୁକୁହୁ ହୁଏ ।
କଳା ଓ ଶୀତଳ ପାଣି ଅତଳରେ ଥାଇ
ରୁହିଁ ବସେ କେବେ ହେବ ପ୍ରତିମା ପତନ
ମୃତ୍ତିକାର ପୁନରାଗମନ,
ପ୍ରକୃତିର ପୂର୍ତ୍ତିର ପୁନଷ୍ଟ ପରାଏ ।

ସେହି ମୋର ଅପେକ୍ଷିତା ପରିଣୀତା ଦୁର୍ବାର ନିୟତି
ଶୁଣ ବନ୍ଧୁ ! ସେ ଅଟେ ମୋ ରକ୍ତର ସଂପତ୍ତି;

Digitized by srujanika@gmail.com

ଆତ୍ମା ଯାର କେତେ ଛଳ କେତେ ଫନ୍ଦି କରେ
ନଉକ୍ରୁଣା ମରଣକୁ ଜଣିବାର ପାଇଁ
ମହାମାନ୍ୟ କାଳୀପୁର ମଥାମଣି ଦେଇ ।

ଅକ୍ଟୋବର ୧୯୬୮
କଲିକତା

Digitized by srujanika@gmail.com

ଅଗ୍ନି

ଭୂମିକଂପ ହେଉ ଫାଟୁ ଏ ଧରଣୀ ଆସନ୍ତୁ ସହସ୍ରଭୁଜା
ଲୁହାଛଡ଼ ମୋର ଖଡ଼ା ହୋଇଥିବ, ବୋଲାଇବ ମୁହିଁ ରଜା ।
ଯେତେକ ସୂର୍ଯ୍ୟ ଯେତେକ ଚନ୍ଦ୍ର ଗୋଟି ଗୋଟି କୋଟି ତାରା
ଯେତେକ ଶାସ୍ତ୍ର ଏଟିକେଟ୍ ତଥା ଜବର ଆଇନ୍ ଧାରା
ଠାକୁରଘର ଓ ଭଣ୍ଡାର ଘର କଚେରୀ ଘର ଓ ଜେଲ୍
ଗୃହସ୍ଥୀ ଶୋ'ର ଯେତେକ ମହଲା, କରିବେନା ମୋତେ ଫେଲ୍ ।
ମୁହିଁ ଊର୍ଦ୍ଧ୍ୱକୁ ଉଠିଯିବ
ମୁହିଁ ଗଣକୁ ଧକ୍‌କାରିବ
ମୁହିଁ ଟେକ ଧରିବ ମୋ ଗୃହରୁ ଚକ୍‌କଣ ପ୍ରାଗୈତିହାସିକ ଅଗ୍ନି
ସ୍ୱର୍ଗକୁ ଛୁଇଁ କୁହାଟ ଗୁଡ଼ବ,—ଅଗ୍ନି । ଅଗ୍ନି ସଭ୍ୟତା, ଅଗ୍ନି ।

ଏପ୍ରିଲ ୧୯୬୯
କଲିକତା

Digitized by srujanika@gmail.com

ଫୁଲକୁ ଦଳିଦେଲେ

ଫୁଲକୁ ଦଳି ଦେଲେ ରକ୍ତ ବାହାରିବ
ଦଳିବାକୁ ଇଚ୍ଛା ହେବ ହୋଇଥିବ ଯେତିକି ନରମ ।
ଅତଏବ ମନେ ରଖ ନୁହେଁ ମୁହଁ ନିରାକାର ବ୍ରହ୍ମ
କିମ୍ବା ନୁହେଁ ଜଡ଼ ଏବଂ ନିର୍ବାକ୍ ପଦାର୍ଥ;
ନୁହେଁ ମୁହଁ ଜାନୁଆର୍, ଯେହେତୁ ସେ ଜନ୍ମ ଏବଂ ସ୍ତନ୍ୟ ଦାନ କରେ
ପୁଣି ବେଳେ ବେଳେ କାନ୍ଦେ ।
ବସ୍, ମୁହଁ ରସିକ ପୁରୁଷ ।
ଆନନ୍ଦର ପେଚ୍‌କ୍ୟା ସମ୍ରାଟ୍ ॥

ଏପ୍ରିଲ ୧୯୭୯
କଲିକତା

Digitized by srujanika@gmail.com

ନୀଳ ଆକାଶ

ବହୁଦିନ ପରେ ଆଜ ମନେହୁଏ ଆକାଶଟା ନୀଳ ।
ନୀଳ ଯଥା ଶୂନ୍ୟ, ମହାଶୂନ୍ୟ
ନିର୍ଗୁଣର ନିଷ୍ଠି ବାଣୀ, ନାହିଁ, ନାହିଁ, ନାହିଁ,
ଜାପାପୋଗ୍ରୁ ସମାଧିର ନିର୍ଭୁଲ୍ ସଫାଇ ।
ନିଶ୍ଚିହ୍ନ ହୋଇଛି ସେଠି ଉଦର ଓ ସ୍ତନ
ଗୋଟି ଗୋଟି ଦେହ ନେଇ କେତେ କୋଟିକମ,
ଜନ୍ମଗତ ପାପତାପ ଥାପନାର ପାଇଁ
ସର୍ବଗୁଣ ବ୍ରହ୍ମାଙ୍କର ଯେତେ ପରିଶ୍ରମ !
ନାହିଁ ।
କେହି କାନ୍ଦୁନାହିଁ ।
ବହୁଦିନ ପରେ ଆଜ ଆକାଶଟା ଚମତ୍କାର ନୀଳ···
ସମାଧିର ଆଭ୍ୟନ୍ତରୁ ଉଠୁଛି କି ଧୂଆଁ ?
ଆବେଗ ନାହିଁ, ଭୟ ନାହିଁ, ନୁହଁଇ ସେ ପୁନଷ୍ଟର ଦୁର୍ବଳ ନିଃଶ୍ୱାସ
ସ୍ମୃତି ପାଇଁ ପୁନର୍ଜନ୍ମ ପାଇଁ ହାଇଁପାଇଁ
ସେ କେବଳ ହାଇ ।

ଅକ୍ଟୋବର ୧୯୬୧
କଲ୍‌କତା

Digitized by srujanika@gmail.com

ଦଶଭୁଜା

ରାସ୍ତାରେ ଧାଉଁଥିବା ଆଲୁଅକୁ ଶବ୍ଦକୁ ପଚାର
ମୁଣ୍ଡର ମୂଲ୍ୟ କଣ ।
ମୁଣ୍ଡ ଯନ୍ତ୍ର ଗତିର ବାହନ
ଛିଡ଼ିଯାଉ ଗୋଟି ଗୋଟି ଦଶମୁଣ୍ଡ ମୋର
ନାଗଦନ୍ତରୁ ଝୁଲୁଥିବା ଝାଳୁଆ ଖଣ୍ଡାରେ ।

ନାଗକୁ ପଚାରିପାର
ଅଣ୍ଡା ଲୁହା ଛଡା ଯନ୍ତ୍ର ଆଉ କିଛି ମିଳିବାର ଆଶା
ଅଳତା ସିନ୍ଦୁର ଅବା ରକ୍ତ ଟିକେ ନହତ ଜନ୍ତୁର
ସଭ୍ୟତାର,
ଅନାଇ ବସିବ ତେବେ ମହାନନ୍ଦ ଭରେ
ଦଶମୁଣ୍ଡ ସଂହଣାକୁ ଜାବୁଡ଼ି ଧରିବ
ଦଶଭୁଜା ଆଲିଙ୍ଗନ ପାଇଁ ।

ଅକ୍ଟୋବର ୧୯୭୪
ନୂଆଦିଲ୍ଲୀ

Digitized by srujanika@gmail.com

ସେ ଦିନ

ଯେ କୌଣସି ଶରତକୁ ନୂଆ ବୋଲି କହିବ କେମିତି,
ପ୍ରତିଟି ଆକାଶ କଣ   ସେତିକି ନୀଳ
ନା ସୁନାଛୁଆଁ ପତର ଗୁଡ଼ିକ ସେତିକି ମଉଆରି
ସେଦିନ ପରି ?
ତେବେ ସେଦିନ କେଉଁଦିନ ଯାହାକୁ ମୁଁ ଅତୀତର ବିଶିଷ୍ଟ ଠଣାରେ ରଖି
ମୁଣ୍ଡିଆ ମାରିବ ଅବା ଗୁପ୍ତରେ ଗୃପିଧରି ଲୁହ ଗଡେଇବ ?
କହିବ ଏଇ ମୋ ଆନନ୍ଦର ଅପହୃତ ସଂଚିତ ମାଳମା
ଏଇ ମୋ କାନନର ଉଡନ୍ତା ଶୁଆପକ୍ଷୀ, ଯାହା ଆମ ପାଇଁ
କେବଳ ଆମ ପାଇଁ ଶରତକୁ ଚୁମା ଦେଉଥିଲା ?
ନାହିଁ । ଯୌବନର ବନ୍ଧୁ ନାହିଁ । ଯେମିତିକି
ହେମାଳ ଦେଶର ତେଜ ସରଗକୁ ହାତ ଟେକିବାର
ଗୋଟିଏ ମୂହୂର୍ତ୍ତରେ ଥମିଯାଏ, ସ୍ଥିର ଓ ବରଫ ହୁଏ,
ସେଇ ଏକ ଚମତ୍କାର ଅପେକ୍ଷା କରିଛି
ତୁମପାଇଁ ମୋ ପାଇଁ ଏବଂ ଆମ ପାଇଁ
(ବୋଧହୁଏ) ସେଇ ଶୁଭ୍ର ଦର୍ପଣରେ ସେମାନଙ୍କୁ ବନ୍ଦୀ କରିଦେବ
ଚିରନ୍ତନ ଶରତ ଆକାଶ । ତଥା ଆମ ପ୍ରଣୟର ସତମିଛ କଥା
ଆରମ୍ଭର ପ୍ରତିଛବି, ଅଲିଖିତ ଅଶୁଣା କବିତା ।

ଅକ୍ଟୋବର ୧୯୭୪
ନୂଆଦିଲ୍ଲୀ

Digitized by srujanika@gmail.com

ଖବ୍ର ପଢ଼ିଆ

ତୁଚ୍ଛା ଖବ୍ର ପଢ଼ୁଆରେ ସେମାନେ ଧାଉଁଥିଲେ
ଯେଉଁମାନଙ୍କୁ ମୁଁ ଚିହ୍ନେ ନାହିଁ, ଡନଠା ହାଫ୍‌ପ୍ୟାଣ୍ଟ ପିନ୍ଧା ବାଳକ
ଏବଂ କେତେଗୁଡ଼ାଏ ଚଟେଇ ।
(ଚିହ୍ନି ନାହିଁ କମ୍ବା ଚିହ୍ନିବାକୁ ଚାହେଁ ନାହିଁ
ଅଫିସକୁ ଯିବାବେଳ, କାମଅଛି)
ଧାଇଁଲେ ଧାଆନ୍ତୁ, ଗତମାନଙ୍କର କାରଣ ବୁଝି ହୁଏନାହିଁ
କଳାଗାର ଧଳା ସିଲଟରେ, ଲେଖ ଲେଖ
ଆପେ ଆପେ ଲିଭିଯିବ, ପୁଣି ଲେଖ, ଧାଉଁଥାଅ
ଅବଧାନ ଗ୍ଲୁଠ ଉଁଚେଇଛି । ଖବ୍ର ମଧ ବଢ଼ି ବଢ଼ି ଯାଉ
ସ୍ଥିରଗୁଣ ଅଗତର ଗଉଁ, ପଢ଼ୁଆଙ୍କୁ ତତେଇବା କଥା
ବଂଫ, ପାଣି, ଆଇସ୍‌କ୍ରିମ୍ ଯାଏଁ ।
ଅବିବେକ ଗୁଣ
ଥରେ ହେଲେ ଛୁଅଁନ୍ତା ସେମାନଙ୍କୁ
ଗ୍ଲୁଠଖିଆ ଅନ୍ଧ ବେକାରୁଆ
ଗତମାନଙ୍କୁ, ଥରେହେଲେ କୋଳରେ ଶୁଆଇ
ଆଉଁସି ଦିଅନ୍ତା !

ଅଭିଜାତ ଦରୁଆନ ଖବ୍ର ଘେରିଥାଏ ମୋତେ
ଅଫିସ୍‌ରେ କାମକଲା ବେଳେ,
ଖବ୍ର ଖସିଗଲେ ମଧ୍ୟ ଘରେ ଆସି ଗୃ’ ଖାଇବାରେ
ହାସ୍ୟଗୁଣ ଜଗି ବସିଥାଏ, କହେ ମୁଁ ରହିଛି
ଆଜିଠାରୁ କାଲିଯାଏଁ ପୁଣି କାଲିଯାଏଁ, ଜୀବନ ଚେତନାର
ମାତଗତ ନଷ୍ଟୁରତା । ଟଃଭମାନେ ଦଉଡ଼ନ୍ତୁ

Digitized by srujanika@gmail.com

ଚିହ୍ନିବାକୁ ହେବ ନାହିଁ
ତାଙ୍କର ଭିତରୁ ମୋର କେଉଁ ଗୋଟିଏ ପୁଅ ଥିଲା ପରା ।

ଜୁନ୍ ୧୯୭୯
ନୂଆଦିଲ୍ଲୀ

Digitized by srujanika@gmail.com

ମିନି କାମନା

ଲତା ଓ ପତର ମାନେ ଜହ୍ନକୁ ଛୁଅଁନ୍ତ, ଦ୍ୱାଦଶୀର ଜହ୍ନ
ନିରକ୍ତଆ ଗୋରା ଦେହ, ଯାହା ଅଳସେଇ ହୁଏ
ଆସନ୍ତାର ନେପଥ୍ୟରେ, ନୀଳ ଆକାଶରେ
ଗୋଲ୍ ସୀମା ଟାଣି ଆସ୍ଥାନ ଜମେଇ
ମଂଚତଳ ଜଗତକୁ ବସ୍ତ୍ର ବୋଲି କହିବା ଆଗରୁ ।

ଚଗଲା ପତର ମାନେ
ଉଦାର ଗୋରା ଦେହ, ଅଣହୁସିଆର ;
ମୋର ମଧ ଇଚ୍ଛାହୁଏ ଛୁଅନ୍ତ ଟିକେ
ଅଦେଖାରେ ଅଶୁଣାରେ ଢୁଂଚ ଢୁଂଚ ଆସି
ଲେସି ହୋଇ ଯାʼନ୍ତ , କହନ୍ତ ମୁଁ ବ୍ୟକ୍ତି ନୁହେଁ
ସାଧାରଣ ସାମାନ୍ୟ ଅଶାନ୍ତି, ଅଳ୍ପକରେ ଲିଭିଯିବ
ଆମମନା ସୁନ୍ଦରୀର ଅଂଗ ବସନରେ,
ସିନ୍ଦୂର ଲଗେଇ ନାରୀ ସୀମାବଦ୍ଧା ଦେବୀ ନ ହେଉଣୁ ।

(ମୋତେ କେହି ବତେଇ ନାହିଁତ
ଅଶାନ୍ତ ଥରୁଟେ କେବେ ଢାଆ ପରି ଟୁକ୍ରୁ ଟୁକ୍ରୁ ହେବ
ଲୋଡ଼ିବ ସମ୍ମୁଖିନୀ ଅସ୍ତ-ଉପଗ୍ରହର ?)

ହେଲା । ଆଭାସ ଅବକାଶ ଅନ୍ୟମନସ୍କତା
ଜହ୍ନ ବʼ ଜାଣିବ ନାହିଁ କିଏ ଆସି ଢସି ହୋଇଗଲା,
ପ୍ରସାରିତ ଶୁଭ୍ରତାର କାହିଁ କେଉଁ ଶୋଇଲା କୋଣରେ
ରକ୍ତଦାଗଟିଏ, ଚେଇଁ ଉଠି ମରିଗଲା ।

Digitized by srujanika@gmail.com

ଜହ୍ନ ବି ଜାଣିବ ନାହିଁ
ପୂର୍ଣ୍ଣିମାର ରାତିମାନରେ, ଦେଖାପଣ
ରଂଗରାଗ ଦେହଯାକ ଚହଟିଲା ବେଳେ
ବିନ୍ଦୁଟିଏ ରକ୍ତ ଥିଲା ଏକତମ ଧୃଷ୍ଟ ପ୍ରେମିକର
ଅନ୍ତଃକରଣର ।

ଜୁନ ୧୯୭୯
ନୂଆଦିଲ୍ଲୀ

Digitized by srujanika@gmail.com

ଏତେବେଳକୁ

ଏତେବେଳକୁ ଏତେଗୁଡ଼ାଏ ମେଘ
ବିନ୍ଦୁ ବିନ୍ଦୁ ବର୍ଷାର ଗୋଳଓଠ
ଶବ୍ଦ, ମାଟିରୁ ପାଣି ଚୁଚୁମିଲା ପର
ଧଳା ଆକାଶରେ ଚଢ଼େଇଙ୍କ ଲୀଳା, କଜ୍ଜଳମା
ହାଉଁ ହାଉଁ ମେଘର ମୃଦଙ୍ଗ, ପ୍ରତିପ୍ରଜାପଣ
ଲଂଗଳା ପିଲାଙ୍କର ଚବର ଚବର, ସବୁଜର ମିଛ ଗନ୍ଧ, ଅଲାଜୁକପଣ
ମାଡ଼ିବସି ବଞ୍ଚିବାର ଧରିଁ,
ଏତେ ଜାଜବର୍ଷା ।

କାହିଁକି ମ ?
ଏମିତି ଦେଖିଛୁ କେତେ
ବର୍ଷାରୂପୀ ପ୍ରେମିକାର ଛଇ
କହୁଛୁ ମୋ ନିଜ କାମ ଅଛି ଅତିସତ୍ୟ "ସପ୍ତମ ଋତୁ"ର
ମୋର ଏକ ବିଶିଷ୍ଟ ଲୁଣିଆ ବନ୍ଧୁ, ତାକୁ ଆଗେ ଆସିବାକୁ ଦିଅ ।

ନଗିନେଉଇ ନଗିଡେଇ ନ ଆସିଲା ନାହିଁ ମୋର ଲୁହଲହୁ, ଇତ୍ୟାଦିର ସୁଖ
ତା'ବୋଲି କଅଣ ମୁଁ ହାରିଯାଇ ଥେଇ ଥେଇ ହେବ
ମାନିନେବ ବର୍ଷାଅଛି, ବର୍ଷ ନାହିଁ ସଂଜ୍ଞା ନାହିଁ ସତ୍ତ୍ୱ ନାହିଁ ମୋର ?
ବିକଳରେ ମାଗି ନେବ
ଦିଅ ଦିଅ ତାଳିଦିଅ
ଯେତେକ ଅବାନ୍ତର, ଅର୍ଦ୍ଧ ଅନୁଭବ
କାଲେ ପୁଣି ବର୍ଷା ଆସିବନି ?

ଜୁଲାଇ ୧୯୭୯
ନୂଆଦିଲ୍ଲୀ

Digitized by srujanika@gmail.com

ତୁମେ

ଜନ୍ମଗତ ଜୀବନର ଚେତନାକୁ ପିଠିରେ ପକାଇ
ପାଠି କଲ ଶୁଣ ମୋତେ ଶୁଣ
ମୁଁ ହେଉଛି ଜଣେ, ଅଭିଶପ୍ତ ବୋଝବୁହା ଷାର,
ଗଣ୍ଡିକାରେ ହାଉଜାଉ
କେତେ ବଡପଣ, ଭାବର ଓ ଭାବନାର
ବାସ୍ନାରଂଗ ସୁଆଦର···
ମୁଁ କେବଳ ଜଣେ ।

ନ ହେଲେ ମୁଁ ମରିଯିବ ।

ପ୍ରେମପତ୍ର ପଢ଼ିବାକୁ ଦିଅ
ଶୁଣ, ଶୁଣୁଛ ନା ନାହିଁ ?
ନହେଲେ ମୁଁ ମିଶିଯିବ
ଗହଳରେ, ବଞ୍ଚିବାର ସାଧାରଣ ସାମାନ୍ୟ ସତ୍ୟରେ ।

ମନେ ହେଲା ସେମାନେ ଶୁଣିଲେ
ତଥାପି ମୁଁ ଉଚ୍ଚାରିଲି ପାକୁପାକୁ ହେଲି
ଯଥା ମୋର ମୂକ ହେବା ଭଲ, ବୋଝ ଆଉ ସହ୍ୟ ହେଉ ନାହିଁ
ଭାଷା ମୋର ବୁଝି ହେଉ ନାହିଁ, ସେମାନଙ୍କ ଶ୍ରୁତ ସହ - ଅନୁଭୂତ ନାହିଁ
ଦିଆନିଆ ବୋଲି କହୁଛି ନାହିଁ । ସତରେ ମୁଁ ଜଣେ !

ଭପୂଲାଗେ ଆଜି ଏଇ ଉପର ବେଳାରେ—
ସାରଶୂନ୍ୟ ବୋଝ ମୁଣ୍ଡେଇଛି

Digitized by srujanika@gmail.com

ପ୍ରେମହୀନ ପଥ କୁଣ୍ଢେଇଛୁ
ଅଲଗା ଓ ଏକୁଟିଆ ଅଣ ଆବଶ୍ୟକ
ଚେତନାର ମୂଲ୍ୟ ନାହିଁ; କେବେ ତ ନ ଥିଲା ।

ସେମାନଙ୍କ ମଝିରେ ମୁଁ ଡ଼ରମର ଖୋଜେ
ଆପଣାର ଅନ୍ତ -ପ୍ରତିଚ୍ଛବି । ତୁମେ ।
ଚେତନାର ଅସନ୍ତୋଷ
କାଢ଼ ଲେଟିଟଲା ପରେ ଲଙ୍ଗ ଘେରଣରେ
ସାତରଂଗି ଇନ୍ଦ୍ରଧନୁ ପରି
ଅଭିଳର ଶୋଷ, ଅଭିଳାଷ

ସେମାନଙ୍କ ତାରା ଗହଳରେ
ଖୋଜେ ମୋର ଅଲୁଅର ଜ୍ୱାଳା
ଫୁଲଝର ନକଟର । ତୁମେ ।
ଆସ ତୁମେ, ହସ ତୁମେ
ଅଛ ବୋଲି କୁହ ତୁମେ
ତା' ହେଲେ ଜାଣିବ ମୋର "ମୁ" ଟିର ମୃତ୍ୟୁ ଅଛି, ଇତି ନାହିଁ
ତୁମଠାରେ ସଁପି ଦେଇ ନିଃଶେଷ ଓ ପୂର୍ଣ୍ଣ ହୋଇବାରେ
ଆହୂତରେ ଝଳ ଉଠିବାରେ
କଥା ରହିଯିବ କଣ୍ଠ ମହାକାଳ ପାଇଁ ।

ଅକ୍ଟୋବର '୧୯୭୫
ନୂଆଦିଲ୍ଲୀ

Digitized by srujanika@gmail.com